ପ୍ରଗତିବାଦୀ ସୋମବାର, ଜୁଲାଇ ୨୯, ୨୦୧୩

# ସୁରେଶ ଚନ୍ଦ୍ର ମହାନ୍ତି ଆଇସିଏଆଇ ଜାତୀୟ ପରିଷଦର ସଭାପତି

**ଭୁବନେଶ୍ୱର,୨୮।୭(ପିଏନ୍ଏସ୍):** ସିଏମଏ ସୁରେଶ ଚନ୍ଦ୍ର ମହାନ୍ତି ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟାଟସ ଅଫ ଇଣ୍ଡିଆ(ଆଇସିଏଆଇ) ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ମହାନ୍ତି କଟକ-ଭୁବନେଶ୍ୱର ଚାପ୍ଟର ସହ ଜଡିତ ରହି ଛାତ୍ରଛାତ୍ରୀ ଏବଂ ସଦସ୍ୟ ମାନଙ୍କପାଇଁ ଅନେକ ସୁବିଧା ଯୋଗାଇଦେବା ସହ ବହୁ ବିକାଶ ମୂଳକ କାର୍ଯ୍ୟ କରିଥିଲେ। ପୂର୍ବରୁ ସର୍ବଭାରତୀୟ ନିର୍ବାଚନରେ ଇଷ୍ଟର୍ଣ୍ଣ ଇଣ୍ଡିଆ ନିର୍ବାଚନ ମଣ୍ଡଳୀରୁ ୪ବର୍ଷ ଲାଗି ସେଣ୍ଟ୍ରାଲ କାଉନସିଲ ପଦବୀକୁ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଛାତ୍ରଛାତ୍ରୀ,ସଦସ୍ୟ,ଓଡିଶା ଏବଂ ଦେଶର ଉନ୍ନତି ସହ କଷ୍ଟ ଓ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ୍ସ ଶିକ୍ଷାର ବିକାଶ ଲାଗି ଉଦ୍ୟମ କରିବେ ବୋଲି ସେ କହିଛନ୍ତି।